**This question paper consists of 13 questions and 8 printed pages.**

ଏହି ପ୍ରଶ୍ନପତ୍ରରେ **13** ଟି ପ୍ରଶ୍ନ ରହିଛି ଏବଂ ଏଥିରେ **8** ପୃଷ୍ଠା ଅଛି ।

**Roll No.** | | | | | | | | | | | | |

**Code No. 51/SS/O/OR**

**SET** A

# ଓଡ଼ିଆ

# ODIA

# (305)

ପରୀକ୍ଷା ଦିନ ଓ ତାରିଖ : ______________________

ପରୀକ୍ଷକଙ୍କ ଦସ୍ତଖତ : **1.** ______________________

**2.** ______________________

ନିର୍ଦ୍ଦେଶାବଳୀ :

**1** ପରୀକ୍ଷାର୍ଥୀ ନିଶ୍ଚିତ ତୁମ ରୋଲନମ୍ବର **(Roll Number)** ପ୍ରଶ୍ନପତ୍ର ଉପରେ ଲେଖିବା ଆବଶ୍ୟକ ।

**2** ପ୍ରଶ୍ନପତ୍ରକୁ ସଠିକ୍‌ଭାବେ ନିରିକ୍ଷଣ କର, ଯେପରି ଏହାର ସମସ୍ତ ପୃଷ୍ଠା, ପ୍ରଶ୍ନସଂଖ୍ୟା ସଠିକ୍‌ଭାବେ ରହିଅଛି । ଏହାସହିତ ପ୍ରଶ୍ନ କ୍ରମକୁ ମଧ୍ୟ ସଠିକ୍‌ଭାବେ ନିରିକ୍ଷଣ କର ।

**3** ପରୀକ୍ଷା ଖାତାରେ ପ୍ରମୁଖ ପୃଷ୍ଠା ବ୍ୟତିତ ତୁମର ରୋଲନମ୍ବର ଅନ୍ୟ କୌଣସି ପୃଷ୍ଠାରେ ଲେଖିବା ମନା ।

**4** ତୁମ ପ୍ରଶ୍ନ-ଉତ୍ତର ଖାତାରେ ପ୍ରଶ୍ନସଂଖ୍ୟା କୋଡ଼ **(Paper Code No. 51/SS/O/OR)** ଲେଖ ।

# ଓଡ଼ିଆ

# ODIA

# (305)

ସମୟ : **3** ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : **100**

ନିର୍ଦ୍ଦେଶ : ସମସ୍ତ ପ୍ରଶ୍ନ ଗୁଡ଼ିକ ବାଧ୍ୟତାମୂଳକ ଅଟେ ।

**1** ନିମ୍ନଲିଖିତ ପ୍ରଶ୍ନମାନଙ୍କର ସଠିକ୍ ଉତ୍ତର ବାଛିଲେଖ - ୩ଟିର **1×3=3**

(କ) ରାତିର ଶାନ୍ତ ନୀରବ ମୁହୂର୍ତ୍ତ କେଉଁ ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇ ଉଠିଲା ।

(i) ସ୍ୱାଧୀନ ଭାରତ କି ଜୟ (ii) ମହାତ୍ମା ଗାନ୍ଧୀ କି ଜୟ

(iii) ଇନ୍‌କିଲାବ ଜିନ୍ଦାବାଦ

(ଖ) ଏଦେଶ ଆମର, ଏଠାରେ କାହାପାଇଁ ସ୍ଥାନ ନାହିଁ ବୋଲି କୁହା ଯାଇଛି ?

(i) ବ୍ରିଟିଶ ସରକାର (ii) ବ୍ରିଟିଶ ସାହେବ

(iii) ବ୍ରିଟିଶ ଗୋଲାମ

(ଗ) ମଣିଷ କିପରି ଚାଲେ ?

(i) ପାଦ ପକାଇ (ii) ଗୁରୁଣ୍ଡି ଗୁରୁଣ୍ଡି

(iii) ଫଣାଟେକି (iv) ଘୁଷୁରି ଘୁଷୁରି

(ଘ) କାର୍‌ରେ କିଏ ଭୁଲାଇଲେ ?

(i) ଅଧ୍ୟକ୍ଷ (ii) ଲେଖକ

(iii) ସହକର୍ମୀ ଅଧ୍ୟାପକ (iv) ଡ୍ରାଇଭର

(ଙ) ଭୁତଙ୍କୁ ଆଖିରେ ଦେଖିଥିବା ବ୍ୟକ୍ତି କିପରି ଦିଶିବା ସ୍ୱାଭାବିକ ?

(i) ଭୟଭୀତ (ii) ଅଚେତ

(iii) ଗମ୍ଭୀର (iv) ଉତ୍ତେଜିତ

2 ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ୪ଟିର ସଂକ୍ଷିପ୍ତ ଉତ୍ତର ଦିଅ - **4×2=8**

(କ) ଅଧ୍ୟକ୍ଷ ଯେଉଁ ଆକୁଳିର କଥା କହୁଥିଲେ ସେ କିଏ ?

(ଖ) ରାତି ଗୋଟାଏ ବେଳେ ମଧ୍ୟ ଡ୍ରାଇଭର, ଲେଖକ ଓ ସହକର୍ମୀ ସତେଜ ଥିଲେ କାହିଁକି ?

(ଗ) ଗଣତାନ୍ତ୍ରିକ ଆଚରଣର ଲେଖକ କ'ଣ ସ୍ୱପ୍ନ ଦେଖିଥିଲେ ?

(ଘ) ସନନ୍ଦପତ୍ର ଉପରେ କ'ଣ ମାଡ଼ି ଗଲାଣି ?

(ଙ) ରାୟ ବାହାଦୁର ଡ୍ରୟାର ଭିତରୁ କ'ଣ କାଢ଼ିଲେ ?

(ଚ) ନାରସେନା କାହାଠାରୁ ଧୈର୍ଯ୍ୟ ଗୁଣ ଶିଖିଛି ?

(ଛ) ପୁଅ ରାତିରେ ଘର ଛାଡ଼ି ଆସିବାପରେ ମାଆ କ'ଣ କ'ଲା ?

3 ଗୋଟିଏ ପ୍ରଶ୍ନର ଉତ୍ତର ଦିଅ - **1×8=8**

(କ) ରାୟ ବାହାଦୁରଙ୍କର ଚରିତ୍ର ଚିତ୍ରଣ କର ।

(ଖ) ଭୂତ ଗଳ୍ପରୁ ଗାଳ୍ପିକଙ୍କ ଆଭିମୁଖ୍ୟ ପରିଚୟ ଦିଅ ।

(ଗ) ପଠିତ ଗଳ୍ପରୁ ମଣିଷର ବାସ୍ତବ ସ୍ୱରୂପ ସଂପର୍କରେ ଆଲୋକପାତ କର ।

4 ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର - (୩ଟିର) **3**

(କ) କୃଷ୍ଣ ରଥରେ ________ ମାନେବସି ପୃଥିବୀକୁ ଅବତରଣ କରନ୍ତି ।

(ଦେବକନ୍ୟା, ବାଳିକା, ଦେବତା)

(ଖ) ଶାଗୁଣା ________ ଚିକିତ୍ସକ ହେଲେ ଶବପ୍ରାପ୍ତପାଏ ନାହିଁ ।

(ବିଲୁଆ, କାଉ, ମାଙ୍କଡ଼)

(ଗ) ଭୁଆସୁଣୀ ________ ଠାରେ ସ୍ନାନ କରେ ।

(ଗାଁ ପୋଖରୀ, ନଦୀ, ନାଳ)

(ଘ) କଳା ମେଘ କୋଳରେ ________ ଶୋଭା ଧାରଣ କରେ ।

(ବିଜୁଳି, ବଗ, ପାରା)

(ଙ) ସଂଧ୍ୟା ଗାଥା ଗାଇ ________ ସ୍ୱସଦନକୁ ଫେରି ଆସନ୍ତି ।

(ପକ୍ଷୀମାନେ, ମାଙ୍କଡ଼, ବାଘ)

5 ଯେକୌଣସି ୪ଟି ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦିଅ - **4×2=8**

(କ) କିଏ କେଉଁଠାରେ ଗୋପନରେ ଫୁଟିଛି ଏବଂ କାହାର ବାସ୍ନା ପବନରେ ଭାସି ଆସୁଛି ?

(ଖ) ଗ୍ରାମବଧୂ କିପରି ସ୍ନାନ କରି ଫେରେ ?

(ଗ) କିଏ ଗ୍ରାମପଥଦେଇ ବିଦେଶ ଯାଏ ଏବଂ କିଏ ତା'ର ଫେରିବା ବାଟକୁ ଚାହିଂ ରହେ ?

(ଘ) କବିତା ଡ଼ାଆପିଆ ଖରାର କବିଙ୍କ ହୃଦୟ କାହିଁକି ଆନ୍ଦୋଳିତ ହୋଇଛି ?

(ଙ) ଉତ୍କଳ-ସନ୍ତାନ କବିତାରେ କବି କାହାକୁ କାହିଁକି ଉଦ୍‌ବୋଧନ ଦେଇଛନ୍ତି ?

(ଚ) ଯୁଧୀଷ୍ଠିରଙ୍କୁ ଭିଷ୍ମ କ'ଣ କରିବାକୁ କହିଲେ ?

(ଛ) ସୂର୍ଯ୍ୟଦେବଙ୍କୁ କିପରି ନୈବେଦ୍ୟ ଦିଆଯାଇଛି ବୋଲି କବି ଉଲ୍ଲେଖ କରିଛନ୍ତି ?

6 ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ - 8

(କ) 'ଶେଫାଳିପ୍ରତି' କବିତାରେ ଶେଫାଳି ଫୁଲକୁ ସମ୍ବୋଧନ କରି କବି କ'ଣ କହିଛନ୍ତି ?

(ଖ) 'ଗ୍ରାମପଥ' କବିତା ଅବଲମ୍ବନରେ ଗ୍ରାମ୍ୟଚିତ୍ର ବର୍ଣ୍ଣନା କର ।

(ଗ) ଉତ୍କଳ ସନ୍ତାନ କବିତାରୁ କବିଙ୍କର ଉତ୍କଳୀୟ ପ୍ରୀତିର ପରିଚୟ ଦିଅ ।

7 ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର - (ଯେକୌଣସି ୩ଟିର) 3

(କ) ନବଘନ ବାବୁଙ୍କୁ ଛୋଟ କଥାରେ ________ ଅପମାନିତ କରନ୍ତି ।

(ଜେମା, ହେମ, ବେବୀ, ନେଲିଅପା)

(ଖ) ମୁଁ ଫମ୍ପା ଆରିଷ୍ଟୋକ୍ରାସିକୁ ପସନ୍ଦ କରେନି ବୋଲି ବେବିକୁ ________ କହିଛି ।

(ନେଲିଅପା, ଜେମା, ଅଙ୍କଲ୍ ନବଘନ)

(ଗ) ଅଭଦ୍ର, ରଷ୍ଟିକ ଭଳି କଥାବାର୍ତ୍ତା କରନି, ସିଧା ଡ୍ରେସ ବଦଳାଇ ଡାଇନିଙ୍ଗ ଟେବୁଲ ପାଖକୁ ଆସବୋଲି ନବଘନଙ୍କୁ ________ କହିଛି ।

(ନେଲି, ଜେମା, ହେମ, ବେବୀ)

(ଘ) ବୁଢ଼ା ବୟସରେ ପ୍ରଭାକର ________ କୁ ଦଉଡୁ ଛନ୍ତି ।

(ଘରକୁ, ହାଟକୁ, ଚାଷଜମିକୁ, ଗାଁର ପାଣି କାଦୁଅକୁ)

(ଙ) ________ ଜୀବନର ଅନ୍ତିମ ପର୍ବରେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଜାଳିପୋଡ଼ି ଛାରଖାର ହୋଇ ଯାଇଛି ।

(ପ୍ରଭାକର, ଗଦାଧର, ଶକୁନ୍ତଳା)

8 ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ - 4×2=8

(କ) ଗାଁରେ ତିଷ୍ଠିରହିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

(ଖ) କେଉଁ ମାନଙ୍କର ପଇସା ଯୁବଗୋଷ୍ଠୀ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ?

(ଗ) ସାରା ଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର କ'ଣ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ?

(ଘ) ଆଜିକାଲି ଗାଁ ଲୋକଙ୍କର କେଉଁ କଥାକୁ ସମୟ ନାହିଁ ?

(ଙ) ବେବୀର ସକାଳ ଜଳଖିଆର ବ୍ୟବସ୍ଥା କିପରି ହେଲା ?

(ଚ) ଏଗୁଡାକ ମଣିଷ ହେବେନି, କିଏ କାହାକୁ କେଉଁ ପ୍ରସଙ୍ଗରେ କହିଛି ?

(ଛ) ସକାଳୁ ସକାଳୁ ନବଘନ କ'ଣ ପିନ୍ଧି ହେମାଙ୍ଗିନୀଙ୍କ ଆଗକୁ ଆସିଥିଲେ ?

9 ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ - 8

(କ) ଗାଁ ଅପେକ୍ଷା ସହର ଅଧିକ ନିରାପଦ - ଉକ୍ତିଟିର ଯଥାର୍ଥତା ପଠିତ ଏକାଙ୍କିକା ଅବଲମ୍ବନରେ ଆଲୋଚନା କର ।

(ଖ) ପ୍ରଭାକର ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ଆଲୋଚନା କର ।

(ଗ) ଏକ ସାର୍ଥକ ଏକାଙ୍କିକା ଭାବେ "ସକାଳର ମେଘ" ଏକାଙ୍କିକା ଟିର ମୂଲ୍ୟାୟନ କର ।

10 (କ) ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ଚାରିଗୋଟି ଶବ୍ଦର ଶୁଦ୍ଧରୂପ ଲେଖ - 4

ଦିବାରାତ୍ରି, ଅନାଟନ, ବାକ୍‌ଦେବୀ, ଦାରିଦ୍ର୍ୟତା, ଜେଷ୍ଠ, ଗଣେଷ, ବିଷର୍ଣ୍ଣ ।

(ଖ) ନିମ୍ନଲିଖିତ ଯେକୌଣସି ୪ଟି ଶବ୍ଦର ବିପରୀତ ଶବ୍ଦ ଲେଖ - 4

ଅମୃତ, ପ୍ରଶଂସା, ଆବିର୍ଭାବ, ପ୍ରତିକୂଳ, ପ୍ରତ୍ୟୁଷ, କର୍ମୀ, ଆସା ।

(ଗ) ନିମ୍ନଲିଖିତ ଯେକୌଣସି ୪ଟି ବିଶେଷ୍ୟ ପଦର ବିଶେଷଣ ପଦ ଲେଖ - **4**

କୂଳ, ପରସ୍ପର, ଦେହ, ପାଉଁଶ, ବିପ୍ଳବ, ସମୁଦ୍ର, ଜନ୍ମ ।

(ଘ) ଯେକୌଣସି ୪ଟିର ଅର୍ଥ ଲେଖ - **1×4=4**

ଅଠାବୋଳିବେବା, ଆପଣା ଶିଙ୍ଗରେ ମାଟି ତାଡ଼ିବା, ଋଣକରି ଘିଅ ଖାଇବା, କୁହୁଡ଼ି ପହଁରିବା, ଚିତାକାଟିବା, ତିନି ପାଞ୍ଚିରୁ ଯିବା ପୋଥିରେ ଡ଼ୋର ବାନ୍ଧିବା ।

**11** ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ - **8**

(କ) ଓଡ଼ିଶାର ଏକ ଦର୍ଶନୀୟ ସ୍ଥାନ ।

(ଖ) ତୁମର ପ୍ରିୟ ଖେଳ ।

(ଗ) ପରିବେଶ ପ୍ରଦୂଷଣ ।

(ଘ) ନାରୀ ଶିକ୍ଷା ।

**12** ତୁମ ଅଞ୍ଚଳରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିବାପାଇଁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କୁ ଏକ ଦରଖାସ୍ତ ଲେଖ । **8**

କିମ୍ବା

ଗତ ଗ୍ରୀଷ୍ମଛୁଟି ଟି କିପରି କଟାଇଲ ତାହା ବର୍ଣ୍ଣନା କରି ଜଣେ ବଂଧୁଙ୍କ ନିକଟକୁ ପତ୍ର ଲେଖ ।

13 ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠ କରି ଶେଷରେ ଦିଆ ଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ -

ପ୍ରାଚୀନ କାଳରୁ ମଣିଷ ବଞ୍ଚିବା ପାଇଁ ସଂଘର୍ଷ କରି ଆସିଛି । ପ୍ରଥମେ ପ୍ରକୃତି ସହିତ ସଂଗ୍ରାମ କରି କେତେକ କ୍ଷେତ୍ରରେ ପ୍ରକୃତିକୁ ଆୟତ୍ତ କରିବାକୁ ସେ ସକ୍ଷମ ହୋଇଛି । ପରବର୍ତ୍ତୀ ସମୟରେ ତିଷ୍ଠି ରହିବାକୁ ମଣିଷ ନିଜନିଜ ଭିତରେ ସଂଘର୍ଷରେ ଲିପ୍ତ ରହିଛି । ଟିକିଏ ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ଏହି ସଂଘର୍ଷ ଓ ପ୍ରତିଷ୍ଠା ଲାଭର ଆକାଂକ୍ଷାରୁ ମାନବ ସଭ୍ୟତାର ସୃଷ୍ଟି ହୋଇଛି । ମଣିଷ ଜାତିର ଇତିହାସରେ ବହୁ ଯୁଦ୍ଧ ବିଜୟର କାହାଣୀ ଲିପିବଦ୍ଧ ହୋଇ ରହିଛି । କେଉଁଠି ଦୁର୍ବଳ ଉପରେ ସବଳର ଅତ୍ୟାଚାର ତ କେଉଁଠି ରାଜତନ୍ତ୍ର ଉପରେ ଆକ୍ରମଣ, ଆଉ କେଉଁଠି ସାମାଜିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଯୁଦ୍ଧ ବିଜୟ ସଂଗଠିତ ହେଉଛି । ଅନେକ କ୍ଷେତ୍ରରେ ଧର୍ମଗତ ମତାନ୍ଧତା ନେଇପୃଥିବୀ ଅନେକ ଯୁଦ୍ଧ ବିଗ୍ରହର ସମ୍ମୁଖୀନ ହୋଇଛି । ସେ ଯାହା ହେଉ ମାନବ ସଭ୍ୟତା ପକ୍ଷରେ ଯୁଦ୍ଧ ଯେ ଏକାନ୍ତକାମ୍ୟ ନୁହେଁ ତାହା ସମଗ୍ର ବିଶ୍ୱ ସ୍ୱୀକାର କରିଛି ।

ପ୍ରଶ୍ନ -

(କ) ମଣିଷ କାହିଁକି ସଂଘର୍ଷ କରି ଆସିଛି ? **2**

(ଖ) ମଣିଷ ଜାତିର ଇତିହାସରେ କ'ଣ ଲିପିବଦ୍ଧ ହୋଇ ରହିଛି ? **2**

(ଗ) ମଣିଷ ନିଜ ନିଜ ଭିତରେ କାହିଁକି ସଂଘର୍ଷରେ ଲିପ୍ତ ରହିଛି ? **2**

(ଘ) ଦୁର୍ବଳ ଉପରେ କିଏ ଅତ୍ୟାଚାର କରିଛି ? **2**

(ଙ) ପୃଥିବୀ କାହିଁକି ଯୁଦ୍ଧ ବିଗ୍ରହର ସମ୍ମୁଖୀନ ହୋଇଛି ? **2**

(ଚ) ଏହି ଅନୁଚ୍ଛେଦର ଏକ ଶିରୋନାମ ଦିଅ । **1**